# Akashvani, Sambalpur

## SAMBALPURI NEWS BULLETIN

### 15 June 2025- 6.47- 6.52 am.

*********************************************

ନାଇଡୁ- ବିମାନ୍ ଦୁର୍ଘଟଣା ଆର୍ଏନ୍ୟୁ/ କଟକ୍

ଭାରତୀୟ ବିମାନ୍ ସେବା କ୍ଷେତ୍ରୁ ସାମିଲ୍ ଥିବା ୩୪ ଟା ବୋଇଂ ୭୮୭ ବିମାନ୍‌ର ବିସ୍ତୃତ୍ ତଦାରଖ୍ ଲାଗି ବେସାମରିକ୍ ବିମାନ୍ ଚଳାଚଲ୍ ନିର୍ଦ୍ଦେଶାଳୟ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି କେନ୍ଦ୍ର ବିଭାଗୀୟ ମନ୍ତ୍ରୀ କେ. ରାମ୍‌ମୋହନ୍ ନାଇଡୁ କହିଛନ୍ । ନୂଆଦିଲ୍ଲୀ ନ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ନାଇଡୁ କହିଛନ୍, ଇହାଦେତକ୍ ୮ ଟାର ତୁର୍ତି ଜରୁରୀକାଲୀନ୍ ଯାଂଚ୍ ସରିଛେ ଆଉ ଇଥିର୍‌ଲାଗି ସ୍ୱରାଷ୍ଟ୍ର ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ କମିଟି ଭିଲ୍ ଗଠନ୍ କରାଯାଇଛେ । ବିମାନ୍ ଦୁର୍ଘଟଣା ତଦନ୍ତ ବ୍ୟୁରୋ ବିମାନ୍‌ର ବ୍ଲେକ୍ ବକ୍ସକେ ଉଦ୍ଧାର୍ କରିଛନ୍ ଆଉ ଡିଏନ୍‌ଏ ପରୀକ୍ଷା ଭିଲ୍ ଜାରି ରହିଛେ ବଲି ଶ୍ରୀ ନାଇଡୁ କହିଛନ୍ । ଡିଏନ୍‌ଏ ପରୀକ୍ଷା ରିପୋର୍ଟ ଆଧାର୍‌ଥି ୯ ଟା ମୃତ ଶରୀର ଚିହ୍ନଟ୍ କରାଯାଇଛେ । ଇ ଦୁର୍ଘଟଣାଥି ଯାତ୍ରୀ, ବିମାନ୍ କର୍ମଚାରୀ,

ଡାକ୍ତରୀ ଛାତ୍ର ଆଉ ସ୍ଥାନୀୟ ଲୁକ୍‌କୁ ମିଶେଇକରି ୨ ଶହ ୫୦ ନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ଯାଇଥିବାର୍ ଜନାପଡ଼ିଛେ ।

ଯାଜ୍‌ପୁର୍ -ଝାଡ଼ାବାନ୍ତି                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଯାଜ୍‌ପୁର୍ ଜିଲ୍ଲାର୍ ଝାଡ଼ାବାନ୍ତି ଥିତିଥି ସୁଧାର୍ ଦେଖ୍‌ବାର୍‌କେ ମିଲିଛେ ଗଲାକାଏଲ୍ ଭିନ୍ ଭିନ୍ ହସ୍ପିଟାଲ୍ ମାନ୍‌କେ ନୂଆଁ ରୋଗୀଙ୍କର୍ ଭର୍ତି ହେବାର୍ ସଂଖ୍ୟା ବହୁତ୍ ପରିମାଣ୍‌ଥି କମିଛେ ଆଉ ନୂଆଁ ଇଲାକାମାନ୍‌କେ କଲେରାଥି ପ୍ରଭାବିତ୍ ହେଇଥିବା ସୂଚ୍‌ନା ନାଇଁମିଲି । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତରଫୁ ଗୁଟେ କଂଟ୍ରୋଲ୍ ରୁମ୍ ଅଠିପହର୍ କାମ୍ କରୁଛେ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଲକଣ୍ଠ ମିଶ୍ର ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ଯାଜ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ ହାସ୍‌ପାତାଲ୍ ନ ଇହାଦେତକ୍ ୧୫ ଶହ ୧୬ ଝନ୍ ଝାଡ଼ାବାନ୍ତି ଆକ୍ରାନ୍ତ ଭର୍ତି ହେଇଛନ୍ ଆଉ ସେମାନ୍‌କର୍ ଭିତ୍‌ରୁ ୧୩ ଶହ ୬ ଝନ୍ ଭଲ୍ ହେଇସାରିଥିବା ବେଲେ ୨ ଶହ ୧୦ ଝନ୍‌କର୍ ଚିକିତ୍ସା ଚାଲିଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା କାଏଲ୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଜନସାଧାରଣ୍‌ଙ୍କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କୁଲପତି ନିଯୁକ୍ତି                    ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଆଇନ୍-୨୦୨୪ ରାଏଜେ ଲାଗୁ ହେବାର୍ ଉତ୍‌ରୁ କୁଲପତି ନିଯୁକ୍ତି ଲାଗି ସର୍‌କାର୍ ପ୍ରକ୍ରିୟା ମୁଲ୍ କରିଛନ୍ । ସେଆଡ଼େ ରାଜ୍ୟ ବିଶ୍ୱବିଦ୍ୟାଳୟମାନ୍‌କେ ଅଧ୍ୟାପକ ନିଯୁକ୍ତିକେ ଭିଲ୍ ସର୍‌କାର୍ ନଜର୍‌ଥି ରଖିଛନ୍ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ନିୟମିତ୍ ଅଧ୍ୟାପକ ନିଯୁକ୍ତି ନାଇଁ ହେବାର୍‌ତକ୍ ଅତିଥି ଅଧ୍ୟାପକମାନେ କାମ୍ କର୍‌ବେ ଆଉ ଗଲାବଛର୍ ନିଯୁକ୍ତି ପାଇଥିବା ଅତିଥି ଅଧ୍ୟାପକ୍‌ମାନ୍‌କର୍ କାର୍ଯ୍ୟକାଳକେ ଇଥି‌ର୍‌ଲାଗି ବଢ଼ାଯାଇଛେ ଆଉ ନୂଆଁ ଅତିଥି ଅଧ୍ୟାପକ ନିଯୁକ୍ତି ନାଇଁ କର୍‌ବାର୍‌କେ ବିଶ୍ୱବିଦ୍ୟାଳୟର୍ କୁଲପତିମାନ୍‌କୁ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବର୍‌ଗଡ୍- ରାଜସ୍ୱମନ୍ତ୍ରୀ- ପଟ୍ଟା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ବଛ୍ରେ ପୂର୍ତି ଅବ୍ସରେ ବର୍ଗଡ଼୍ ଯଦୁମଣି ପ୍ରଧାନ୍ ପ୍ରେକ୍ଷାଳୟ ନ ଗଲାକାଏଲ୍ ବିକାଶ୍ ମେଳାର ୩ ନମ୍ବର୍ ଦିନେ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓର୍ମାସ୍ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି, ପାରମ୍ପରିକ୍ ଖାଦ୍ୟ ପ୍ରଦର୍ଶନୀକେ ବୁଲି ଦେଖିଥିଲେ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ରାଜ୍ୟ ସର୍କାର୍ଙ୍କର୍ ବଛ୍ରେର୍ ଉପଲବ୍ଧି ଆଉ ଭିନ୍ ଭିନ୍ ଯୋଜ୍ନା ମାନ୍କର୍ ବାବ୍ଦେ ସୂଚ୍ନା ଦେଇଥିଲେ । ବର୍ଗଡ଼୍ ତହସିଲ୍ର ବର୍ଗାଁ, ସାଲେପାଲି ଆଉ ସାଇଆନ୍ ଗାଁର୍ ୩୮ ଝନ୍ ଭୂମିହୀନ ପରିବାର୍କେ ବସୁନ୍ଧରା ପଟା ଭିଲ୍ ବାଂଟିଥିଲେ ।

ରଜ ସଂକ୍ରାନ୍ତି          ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ରଜ ସଂକ୍ରାନ୍ତି । ଇଥିର ଲାଗି ଗାଁ ନୁ ସହରତକ୍ ଉତ୍ସବମୁଖର ହେଇଛେ । ଘରେ ଘରେ ପିଠାପନା ତିଆରି ସାଙ୍ଗେ ଟୁକେଲ୍ ଛୁଆମାନେ ରଜଦୁଲି ଖେଲୁଛନ୍ । ଆଏବାକାଏଲ୍ ଭୂମିଦହନ ହେବା । ସେଥିର୍ଲାଗି ଇ ତିନ୍ହି ଦିନ ଜମିକେ ଜୁତା କୁଡ଼ା ନାଇଁ କରନ୍ ।

ଓଡ଼ିଶାର୍ ଗଣପର୍ବ ରଜ ପର୍ଶ୍ଚିମ ଓଡ଼ିଶାର୍ ଲୋକ୍‌ମାନ୍‌କୁ ଭିଲ୍ ଆକର୍ଷିତ କରୁଛେ ।

ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚାଲିଥିବା ବିକାଶ୍ ମେଳାର୍ ୨ ନମ୍ବର୍ ଦିନେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପାରମ୍ପରିକ୍ ଖାଏବାର୍ ଦରବ୍ ସହେତେ ଭିନ୍ ଭିନ୍ ଔଷଧୀୟ ଗୁଣ୍ ଥିବାର୍ ଖାଏବାର୍ ଜିନିଷ୍‌କେ ଲୋକ୍‌ମାନେ ଅପ୍‌ନାବାର୍‌କେ କହିଛନ୍ । ପାରମ୍ପରିକ୍ ଖାଏବାର୍ ଜିନିଷ୍‌କେ ପ୍ରାଥମିକତା ଦେଇକରି ସୁସ୍ଥ ଆଉ ଭଲ୍ ଜୀବନ୍‌ଯାପନ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ଜିଲ୍ଲା ମିଶନ୍ ଶକ୍ତି ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଥିଲା । ଇଥି ବିଜେତା ହେଇଥିବା ଦଲ୍‌ମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ରାଏଜେ ମୌସୁମୀ ବର୍ଷା ମୁଲ୍ ହେଇପାରେ ।

ମୌସୁମୀର୍ ଥିତିକେ ନେଇକରି କେନ୍ଦ୍ରର୍ ନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ବହୁତ୍‌ଟେ ଜାଗା ନ ସାମାଏନ୍‌ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସହେତେ ରାଜ୍ୟର୍ ଗୁଟେ ଜୁଡ଼େ ଜାଗାନ ଅପ୍ରବଲ୍ ବର୍ଷା ହେଇପାରେ । ସେ କହିଛନ୍....

(ଭଏସ୍ ଓଭର୍-ମୃତ୍ୟୁଞ୍ଜୟ ମହାପାତ୍ର)

ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।